

କର୍ଣ୍ଣାଟକ ନିର୍ବାଚନରେ ଜିତିଥିବା ସମସ୍ତ ବିଧାୟକଙ୍କୁ ଅଭିନନ୍ଦନ। ଯେଉଁମାନେ ହାରିଛନ୍ତି ତାଙ୍କ ପାଇଁ ଆଉଥରେ ଲଢ଼େଇ କରିବା ବେଳ। ଯଦି କଂଗ୍ରେସ ଜେଡିଏସ୍ ସହ ପୂର୍ବରୁ ମେଣ୍ଟ କରିଥାଆନ୍ତା, ତାହା ହେଲେ ଫଳାଫଳ ଅଲଗା ହୋଇଥାଆନ୍ତା।
**-ମମତା ବାନାର୍ଜୀ, ମୁଖ୍ୟମନ୍ତ୍ରୀ- ପଶ୍ଚିମବଙ୍ଗ** @MamataOfficial

**ତ୍ରିମତ** | **କର୍ଣ୍ଣାଟକ ନିର୍ବାଚନ ଫଳାଫଳ**

# ଓଡ଼ିଶା ରାଜନୀତିକୁ ପ୍ରଭାବିତ କରିବ କି

**କର୍ଣ୍ଣାଟକରେ ଏକକ ସଂଖ୍ୟା ଗରିଷ୍ଠତା ହାସଲ କରିଥିବା ବିଜେପି କ୍ଷମତା ବାହାରେ ରହିବାକୁ ବାଧ୍ୟ ହୋଇଛି। ଗୋଆ ଏବଂ ମଣିପୁରରେ ଯେଉଁ ଅଙ୍କ ବିଜେପି ଖେଳିଥିଲା ଠିକ୍ ସେହି ସମୀକରଣକୁ କଂଗ୍ରେସ ଆପଣାଇ ଜେଡିଏସ୍ ସହ ମିଶି ସରକାର କରିବାକୁ ପ୍ରସ୍ତୁତ ହୋଇଛି। ଏହାଦ୍ୱାରା କର୍ଣ୍ଣାଟକ ରାଜନୀତି ସାରା ଦେଶର ରାଜନୀତିକୁ ଏକ ନୂଆ ମୋଡ଼ ଦେଇଛି। ଫଳାଫଳ ଗଣତି ଆରମ୍ଭରୁ ଯେଉଁ ଆଲୋଚନା, ବିତର୍କ, ମତାମତସବୁ ପ୍ରକାଶ ପାଉଥିଲା ତାହା ସମ୍ପୂର୍ଣ୍ଣ ଓଲଟା ହୋଇଛି। ପ୍ରଶ୍ନ ଉଠୁଛି ଆଗକୁ ନିର୍ବାଚନ ସମ୍ମୁଖୀନ ହେବାକୁ ଯାଉଥିବା ଓଡ଼ିଶା ରାଜ୍ୟ ଉପରେ କିଛି ପ୍ରଭାବ ପକାଇବ କି ? ଏକ ସ୍ଥିର କ୍ଷମତାରେ ଥିବା କଂଗ୍ରେସକୁ ଗାଦିଚ୍ୟୁତ କରି ଏକକ ସଂଖ୍ୟା ଗରିଷ୍ଠତା ହାସଲ କରିଥିବା ବିଜେପି ଓଡ଼ିଶାରେ ନିଜ ପ୍ରତିଛବିକୁ ମଜଭୁତ କରିପାରିବ କି ?**



## ନିଶ୍ଚିତ ଭାବେ ପ୍ରଭାବ ପଡ଼ିବ

**ରାଜାରାମ ଶତପଥୀ**
ସାମ୍ବାଦିକ ଓ ରାଜନୀତିକ ସମୀକ୍ଷକ

ଯେଉଁ ବିକାଶ ମଡେଲ୍‌କୁ ନେଇ ବିଜେପି ନିର୍ବାଚନ ପ୍ରଚାର କରୁଛି ଏବଂ ଆର୍ଥିକ ସୁଧାର ନୀତି ପ୍ରଣୟନ କରି ଲୋକଙ୍କୁ ଆକୃଷ୍ଟ କରୁଛି ସେଥିରୁ ସ୍ପଷ୍ଟ ଯେ, ଏହାର ପ୍ରଭାବ ଏବେ ଓଡ଼ିଶା ଉପରେ ନିଶ୍ଚିତ ପଡ଼ିବାକୁ ଯାଉଛି। କାରଣ ଓଡ଼ିଶାର ଶାସନ ନୀତି ବିଜେପିର ଏହି ଅର୍ଥନୀତିଠୁ ଭିନ୍ନ। ସରଳ ଭାବେ କହିବାକୁ ଗଲେ ବିଜେଡି ନିର୍ଭରଶୀଳ ଅର୍ଥନୀତିରେ ବିଶ୍ୱାସ କରୁଥିବା ବେଳେ ବିଜେପି ଲୋକଙ୍କୁ ଆତ୍ମ ନିର୍ଭରଶୀଳ କରିବାକୁ ଚାହେଁ। ଅର୍ଥାତ୍ ବିଜେଡି ସରକାର ଓଡ଼ିଶାରେ ଲୋକଙ୍କୁ ବିଭିନ୍ନ ଯୋଜନାରେ ମାଗଣା ଉପହାର ଦେଇ ତାଙ୍କର ମନ ଜିତୁଥିବା ବେଳେ ବିଜେପି କିନ୍ତୁ ବିଭିନ୍ନ ସରକାରୀ ଯୋଜନା ମାଧ୍ୟମରେ ଲୋକଙ୍କୁ ଆତ୍ମ ନିର୍ଭରଶୀଳ କରିଥାଏ। ଏହା ବର୍ତ୍ତମାନର ଯୁବାବର୍ଗ, ମହିଳାଙ୍କୁ ଆକୃଷ୍ଟ କରୁଛି। ଅବଶ୍ୟ ଏହା ସତ୍ୟ ଯେ, ଓଡ଼ିଶାରେ ବିଜେପିର ସ୍ଥିତି ମଜଭୁତ୍ ନାହିଁ। କିନ୍ତୁ ନିର୍ବାଚନରେ ଯେ, ସବୁ କିଛି ସମ୍ଭବ ଏବଂ ଦୃଶ୍ୟପଟ କେତେବେଳେ ବଦଳି ଯିବ, ତାକୁ କିଏ କହିବ!

କର୍ଣ୍ଣାଟକର ନିର୍ବାଚନ ସମୟରେ ଗଣମାଧ୍ୟମ ଓ କଂଗ୍ରେସର କର୍ମୀମାନେ ଯେଉଁପ୍ରକାର ପ୍ରଚାର ଚଳାଇଥିଲେ ସେଥିରେ ବିଜେପିର ଜିଏସ୍‌ଟି, ବିମୁଦ୍ରାକରଣ ପ୍ରଭୃତିକୁ ଭୁଲ୍ ଅର୍ଥନୀତି ବୋଲି ଦର୍ଶାଯାଇଥିଲା। ସେହିପରି କୁହାଯାଉଥିଲା ସିଦ୍ଧରମୈୟା ସରକାରଙ୍କ ବିରୋଧରେ କିଛି ଅନାସ୍ଥା ନାହିଁ। ବିଜେପିର ପ୍ରାର୍ଥୀ ଜଣେ ଜେଲ୍ ଫେରନ୍ତା, ଏଣୁ ବିଜେପି ହାରିବା ସ୍ପଷ୍ଟ। କିନ୍ତୁ ଏବେ ଫଳାଫଳ ଯାହା ଦର୍ଶାଉଛି ତାହାର ଓଲଟା ହୋଇଛି। ଏଥିରୁ ସ୍ପଷ୍ଟ ଯେ କଂଗ୍ରେସ ଓ ସମ୍ପୃକ୍ତ ଗଣମାଧ୍ୟମ ଭାରତୀୟ ଲୋକଙ୍କ ମନସ୍ତତ୍ତ୍ୱକୁ ପଢ଼ିବାରେ ବିଫଳ ହୋଇଛନ୍ତି। ବିଜେପିର ଏହି ସଫଳତା ଦ୍ୱାରା ଦେଶରେ ତୃତୀୟ ମେଣ୍ଟ ବା ଫେଡେରାଲ୍ ଫ୍ରଣ୍ଟ ଗଠନ ପାଇଁ ଯେଉଁ ଦଳଗୁଡ଼ିକ ଚେଷ୍ଟା କରୁଥିଲା ତାହାକୁ ଏହା ଝଟ୍‌କା ଦେବ। ଏହି ମେଣ୍ଟ ଉଦ୍ୟମକୁ ବିଜେଡି ହଁ କରି ନଥିଲେ ମଧ୍ୟ ଆଗକୁ ତାହାକୁ ମନା ବି କରି ନାହିଁ। ଏଣୁ ଏହା ବିଜେଡି ପାଇଁ ବି ଏକ ଧକ୍କା। ଏପରି ସ୍ଥିତିରେ ଆଗକୁ ଯେ, ଓଡ଼ିଶା ବିଜେପି ରାଜନୀତିରେ ପ୍ରଭାବିତ ହେବ ନାହିଁ ତାହା କହିବା ଅନୁଚିତ।



## ବିଲ୍‌କୁଲ୍ ପ୍ରଭାବ ପଡ଼ିବନି

**ପ୍ରଫୁଲ୍ଲ ଦାସ**
ସାମ୍ବାଦିକ ଓ ରାଜନୀତିକ ସମୀକ୍ଷକ

ଓଡ଼ିଶା ସବୁବେଳେ ଜାତୀୟ ରାଜନୀତିଠୁ ଭିନ୍ନ ପ୍ରଦର୍ଶନ କରିଥାଏ। ଯେତେବେଳେ ସାରା ଦେଶ ମୋଦି ସୁଅରେ ଭାସି ଭୋଟ୍ ଦେଇଥିଲେ ସେତେବେଳେ ଓଡ଼ିଶାରେ ବିଜେଡିର ଆସନ ସଂଖ୍ୟା ବଢ଼ିଥିଲା। ପଞ୍ଚାୟତ ନିର୍ବାଚନର ଯେଉଁ ସଫଳତାକୁ ନେଇ ଏଠାରେ ବିଜେପି ସୁଦୃଢ଼ ହେବ ବୋଲି ଆଶା କରାଯାଉଛି ସେଥିପାଇଁ ବି ଆଗକୁ ସୁଯୋଗ ନାହିଁ। କାରଣ ସେତେବେଳେ ବିଜେପି ରାଜ୍ୟରେ କଂଗ୍ରେସର ତୃଣମୂଳସ୍ତରର ନେତାଙ୍କୁ ନିଜ ଆଡ଼କୁ ଅନୈତିକଭାବରେ ଆକୃଷ୍ଟ କରିଥିଲା। ଏବେ କିନ୍ତୁ ରାଜ୍ୟରେ କଂଗ୍ରେସର ନେତୃତ୍ୱ ସ୍ଥିର ହୋଇଥିବାରୁ ସେ ଆଶଙ୍କା ଆଉ ନାହିଁ। ଯଦି କଂଗ୍ରେସ ଏବଂ ବିଜେପି ଭିତରେ ଖୋଲାଖୋଲି ହେଉ ବା ଗୋପନ ସମ୍ପର୍କ ବଢ଼େ, ତେବେ ହୁଏତ ତାହା ବିଜେଡି ପାଇଁ ବିପଜ୍ଜନକ ହୋଇପାରେ। କିନ୍ତୁ ଏ ଦୁଇ ରାଷ୍ଟ୍ରୀୟ ଶକ୍ତିଙ୍କ ଭିତରେ ସେମିତି ବୁଝାମଣା ହେଲାପରି ଲାଗୁ ନାହିଁ।

ବିଜେଡିର ସବୁଠାରୁ ବଡ଼ ଶକ୍ତି ହେଉଛି ଏହା ଦୁଇ ଜାତୀୟ ଦଳଠାରୁ ସମାନ ଦୂରତ୍ୱ ବଜାୟ ରଖିଛି। ଏଣୁ ଏଠାରେ ନିର୍ବାଚନ ତିନି ପକ୍ଷ ଭିତରେ ହେବ। ଯଦି ଲୋକେ ନବୀନଙ୍କୁ ପ୍ରତ୍ୟାଖ୍ୟାନ କରନ୍ତି ତେବେ ଏଠାରେ ଝୁଲା ବିଧାନସଭା ହେବ। ହେଲେ ଏବେ ଯେଉଁ ରାଜନୀତିକ ସ୍ଥିତି ଆସିଛି ଆସନ କେଉଁଠି କିଛି କମିପାରେ, ହେଲେ କ୍ଷମତାରୁ ବିଜେଡିକୁ ବିତାଡ଼ିତ କରିବା ସମ୍ଭବପର ନୁହେଁ। ଯଦି କର୍ଣ୍ଣାଟକରେ ନିର୍ବାଚନ ପୂର୍ବରୁ ଜେଡିଏସ୍ ଏବଂ କଂଗ୍ରେସ ଭିତରେ କିଛି ବୁଝାମଣା ହୋଇଥାଆନ୍ତା ତେବେ ଆଜି ବିଜେପି ସେଠାରେ ଏତେ ସଫଳତା ପାଇ ନଥାଆନ୍ତା। କିନ୍ତୁ ସେଠାରେ କଂଗ୍ରେସକୁ କ୍ଷମତାରୁ ଦୂରରେ ରଖିବା ପାଇଁ ଜେଡିଏସ୍‌କୁ ଭିତିରି ସମର୍ଥନ ବିଜେପି ଦେଉଥିଲା। ଯେଉଁଠାରେ ବିଜେପି ପ୍ରାର୍ଥୀ ଦୁର୍ବଳ ସେଠାରେ ଦଳର ସଂଗଠନ ଜେଡିଏସ୍ ପାଇଁ କାମ କରୁଥିଲେ ଆଉ ଯେଉଁଠି ଜେଡିଏସ୍ ପ୍ରାର୍ଥୀ ଦୁର୍ବଳ ସେଠାରେ ବିଜେପି ପ୍ରାର୍ଥୀଙ୍କ ପାଇ ସେମାନେ କାର୍ଯ୍ୟ କରୁଥିଲେ। ଏଠି କିନ୍ତୁ ସେ ପରିସ୍ଥିତି ହେବ ନାହିଁ। କାରଣ ବିଜେଡି, ନା କଂଗ୍ରେସ କି ବିଜେପି ସହ ମେଣ୍ଟ କରିବ ନା ସେ ଦୁଇ ଦଳ କେବେ ଏକାଠି ହେବେ!



## ନା କଂଗ୍ରେସ ନା ବିଜେପି ପାଇଁ ଉତ୍ସାହ

**ରବି ଦାସ**
ସାମ୍ବାଦିକ ଓ ରାଜୀତିକ ସମୀକ୍ଷକ

କର୍ଣ୍ଣାଟକରେ ଯାହା ଫଳାଫଳ ତାହା ଓଡ଼ିଶାକୁ ପ୍ରଭାବିତ କରିବା କଥା। କାରଣ ବିଜେପି ଓ କଂଗ୍ରେସ ଉଭୟ ସେଠାରେ ମଧ୍ୟ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। କିନ୍ତୁ ସେଠାରେ ଯେହେତୁ ଏହି ଦୁଇ ଦଳ ଭିତରୁ କେହି ବି ସରକାର ଗଠନ କରିବାରେ ସମର୍ଥ ହେଲେ ନାହିଁ, ସେମାନଙ୍କ ଭିତରେ ଯେତିକି ଉତ୍ସାହ ହେବା କଥା ତାହା ଆଉ ସେତିକି ହୋଇପାରିଲା ନାହିଁ। ଅବଶ୍ୟ ଏହା ବିଜେପି କହିପାରିବ ଯେ, କଂଗ୍ରେସକୁ ଲୋକ ପ୍ରତ୍ୟାଖ୍ୟାନ କରିଛନ୍ତି। ସେମାନେ ଏକକ ସଂଖ୍ୟା ଗରିଷ୍ଠ ପାର୍ଟି, କିନ୍ତୁ ସରକାର କରିଥିଲେ ତାହା ନିର୍ବାଚନକୁ ଯାଉଥିବା ଅନ୍ୟ ରାଜ୍ୟ ଉପରେ ପ୍ରଭାବ ପକାଇପାରିଥାଆନ୍ତା।

ପ୍ରଥମେ ରାଜ୍ୟରେ କଂଗ୍ରେସ ସ୍ଥିତି ବିଷୟରେ ଆଲୋଚନା କରାଯାଉ। ଅନ୍ୟଦଳକୁ ଏହାର ନେତାଙ୍କ ଲମ୍ଫ ମାରିବା ପ୍ରକ୍ରିୟାରେ ଏବେ ତାଲା ପଡ଼ିଛି। କିନ୍ତୁ ନିରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ଚାଲୁଥିବା ଦଳ ଯଦି ଏବେ କୌଣସି ରାଜ୍ୟରେ ଏକ ବିଜୟ ପାଇଥାଆନ୍ତା ତେବେ ତାହା ଲୋକଙ୍କ ଉପରେ ପ୍ରଭାବ ପକାଇପାରି ଥାଆନ୍ତା। କିନ୍ତୁ ସେଠାରେ କଂଗ୍ରେସ ଅଧ୍ୟକ୍ଷ ରାହୁଲଗାନ୍ଧିଙ୍କ ନିର୍ବାଚନ ପରିଚାଳନା, ଭାଷଣ ପ୍ରଭୃତି ଲୋକଙ୍କୁ ପ୍ରଭାବିତ କରିପାରିଲା ନାହିଁ। ଏହାଦ୍ୱାରା କଂଗ୍ରେସ ଯେ, ପୁଣି ଦୁର୍ବଳ ହେବ ତାହା ନୁହେଁ; କିନ୍ତୁ ଆଗକୁ ବଢ଼ିବାର ଏକ ଉତ୍ସାହ ମିଳିବ ନାହିଁ। ଠିକ୍ ସେହିପରି ପଞ୍ଚାୟତ ନିର୍ବାଚନର କିଛିଦିନ ପରେ ଯେଉଁ ଉତ୍ସାହ ଥିଲା ତାହା ବିଜେପି ପାଖରେ ଏବେ ଆଉ ଦେଖିବାକୁ ମିଳୁନାହିଁ। ଯଦି କର୍ଣ୍ଣାଟକରେ ସରକାର ଗଢ଼ିଥାଆନ୍ତେ ତେବେ ଓଡ଼ିଶା ବିଜେପି ଉପରେ ଏକ ସିଧା ସଳଖ ପ୍ରଭାବ ପଡ଼ିଥାଆନ୍ତା। ମହାନଦୀ ପ୍ରସଙ୍ଗରେ ବିଜେଡି ଯେଉଁ ପରିଭାବେ ବିଜେପିକୁ ଘେରିବାକୁ ଯାଉଛି ତାହାର ଏକ କଡ଼ା ଜବାବ ବିଜେପି ରଖିପାରି ଥାଆନ୍ତା। ହେଲେ ସେଠାରେ ଯଦିଓ ବିଜେପି ଏକକ ସଂଖ୍ୟାଗରିଷ୍ଠ ଦଳ କିନ୍ତୁ ସରକାର ଗଢ଼ି ନପାରିବା ବିଜେପି ପାଇଁ ଏକ ପ୍ରଶ୍ନବାଚୀ ହୋଇଛି। ଅପରପକ୍ଷେ କର୍ଣ୍ଣାଟକରେ ଏହି ସରକାର ଆଗକୁ କେତେ ଦିନ ରହିବ ତାହା ମଧ୍ୟ ଏକ ପ୍ରଶ୍ନ। ହେଲେ କଂଗ୍ରେସ ଆସନ୍ତା ୨୦୧୯ ନିର୍ବାଚନ ଯାଏ ଅତିକମ୍‌ରେ ଏହି ମେଣ୍ଟକୁ ଚଳାଇବାକୁ ଚାହିଁବ।

**ଆପଣ ଏ ପ୍ରସଙ୍ଗରେ ଇ-ମେଲ୍ nitidinedit@gmail.com ଜରିଆରେ ନିଜର ମତାମତ ଦେଇପାରିବେ।**

**ଉପସ୍ଥାପନା: ହରିହର ପଣ୍ଡା**

## ଟ୍ୱିଟ୍ @nitidintoday



ଆମେ ମାତ୍ର ୪ ସଂଖ୍ୟା ପଛରେ ଅଛୁ। ଏଣୁ ବିଜେପି ପ୍ରଥମେ ରାଜ୍ୟପାଳଙ୍କୁ ଅନୁରୋଧ କରିବା କଥା ଯେ, ତାଙ୍କୁ ସରକାର ଗଢ଼ି ଗୃହ ଭିତରେ ଶକ୍ତି ପ୍ରଦର୍ଶନ କରିବାର ମଉକା ମିଳୁ।
**-ସୁବ୍ରମଣିୟନ୍ ସ୍ୱାମୀ, ସାଂସଦ**
@Swamy39



ବିଜେପି କର୍ଣ୍ଣାଟକର ସର୍ବ ବୃହତ୍ ସଂଖ୍ୟା ପାଇଥିବା ଏକ ଦଳ ଏବଂ ଏହା ସରକାର ଗଠନ କରିବ। ଏହାର ଲୋକମାନେ ଏକ ଦୁର୍ନୀତିଗ୍ରସ୍ତ, ଅପାରଗ କଂଗ୍ରେସ ସରକାରଙ୍କୁ ପ୍ରତ୍ୟାଖ୍ୟାନ କରିଛନ୍ତି। ମୋଦି ମ୍ୟାଜିକ୍ ସବୁଆଡ଼େ କାମ କରୁଛି।
**-ପୀତାମ୍ବର ଆଚାର୍ଯ୍ୟ, ବିଜେପି ମୁଖପାତ୍ର**
@AcharyaPitamba1



ଜାତିବାଦ ରାଜନୀତିଠୁ ଉପରକୁ ଉଠି ଏବେ ଭାରତୀୟ ରାଜନୀତି ନୂଆ ଦିଗ ଦେଇ ଗତି କରୁଛି। ଏକ ନୂଆ ଶ୍ରେଣୀ ଭାରତୀୟ ରାଜନୀତିରେ କ୍ଷମତାପନ୍ନ ହୋଇଛନ୍ତି। ସେମାନେ ହେଉଛନ୍ତି ଘରୋଇ ସ୍ତ୍ରୀ ଲୋକ, ଛାତ୍ରଛାତ୍ରୀ, ମଧ୍ୟବିତ୍ତ ଶ୍ରେଣୀ ଏହିପରି। ଆଗୁଆ ଯେଉଁ ଶ୍ରେଣୀକୁ ରାଜନୀତିକ ଅନୁଶୀଳନ ପାଇଁ ନିଆଯାଉଥିଲା ତାହା ଆଉ କାମ କରୁନାହିଁ।
**-ଯଶୱନ୍ତ ଦେଶମୁଖ, ଲେଖକ** @YRDeshmukh



କର୍ଣ୍ଣାଟକ ନିର୍ବାଚନ ଫଳାଫଳ ହେଉଛି ସେଠାକାର ମୁଖ୍ୟମନ୍ତ୍ରୀଙ୍କ ପାଇଁ ସବୁଠାରୁ ହତୋତ୍ସାହର କଥା। ଏହା ସହ କଂଗ୍ରେସ ସଭାପତି ରାହୁଲ୍ ଗାନ୍ଧିଙ୍କ ପାଇଁ ମଧ୍ୟ ଏକ ବିରାଟ ବିଫଳତା। କିନ୍ତୁ ସିଦ୍ଧରମୈୟାଙ୍କୁ ଭୋଟର୍ ପ୍ରତ୍ୟାଖ୍ୟାନ କରିଥିବା ବେଳେ କୌଣସି କଂଗ୍ରେସ ନେତା ଦଳର ସଭାପତିଙ୍କୁ ଏ ବାବଦରେ ପ୍ରଶ୍ନଟିଏ ପଚାରି ପାରିବ କି ?
**-ରାମଚନ୍ଦ୍ର ଗୁହା, ଲେଖକ** @Ram_Guha



କର୍ଣ୍ଣାଟକ ଫଳାଫଳ ଦୋହରାଇବାକୁ ଏଠିବି କଂଗ୍ରେସ ଓ ବିଜେଡି ଭିତରେ ଆଗୁଆ କିମ୍ବା ନିର୍ବାଚନ ପରେ ବୁଝାମଣା ହେବ ବୋଧେ! ମିଛରେ କହନ୍ତି, ରାଜନୀତିରେ ସବୁକିଛି ସମ୍ଭବ!
**-ଦେବେନ୍ଦ୍ର ପ୍ରୁଷ୍ଟି, ସାମ୍ବାଦିକ**
@debendraprusty



କର୍ଣ୍ଣାଟକ ନିର୍ବାଚନ ଫଳାଫଳ ଗୋଟିଏ ସ୍ପଷ୍ଟ ମତ ସ୍ଥାପନ କରିଛି ଯେ, ୨୦୧୯ ନିର୍ବାଚନ କେବେଳ 'ବିକାଶ' ପ୍ରସଙ୍ଗରେ ହିଁ ଲଢ଼ାଯିବ।
**-ସୁଧୀର ମିଶ୍ର, କନ୍‌ସଲ୍‌ଟାଣ୍ଟ**
@SHAHSUDH

## ଖୋଲାମଞ୍ଚ

### ସରକାରଙ୍କ କାର୍ଯ୍ୟ ଶିଳ୍ପ ଉପରେ ପ୍ରଭାବ ପକାଇବ



**ଦିଗମ୍ବର ମହାପାତ୍ର, ପୂର୍ବତନ ବ୍ୟାଙ୍କ ମ୍ୟାନେଜର୍**

ରାଜ୍ୟକୁ ଶିଳ୍ପ ସମୃଦ୍ଧ କରିବାର ସ୍ୱପ୍ନ ଦେଖୁଥିବା ବର୍ତ୍ତମାନର ସରକାର ଅଗ୍ରଣୀ ଶିଳ୍ପ ସଂସ୍ଥାଗୁଡ଼ିକୁ ସମସ୍ତ ସୁବିଧାସୁଯୋଗ ଦେଇ ଶିଳ୍ପ ପ୍ରତିଷ୍ଠା ପାଇଁ ନିମନ୍ତ୍ରଣ କରୁଥିବା ବେଳେ ଓ ସରକାର ଉପଲବ୍ଧିର ଡିଣ୍ଡିମ ପିଟୁଥିବା ବେଳେ, ରାଜ୍ୟସ୍ଥିତ ଶିଳ୍ପଗୁଡ଼ିକର ପ୍ରଗତି ପ୍ରତି ସେତେ ସମ୍ବେଦନଶୀଳ ନୁହନ୍ତି। ଶିଳ୍ପ କର୍ମଚାରୀଙ୍କ ସୁରକ୍ଷା ସହିତ ଶିଳ୍ପ ପ୍ରତିଷ୍ଠାନ ଗୁଡ଼ିକୁ ସମାନ ସୁବିଧା ସୁଯୋଗ ଦେଲେ ଏମାନେ ମଧ୍ୟ ରାଜ୍ୟର ଶିଳ୍ପାୟନରେ ଏକ ପ୍ରମୁଖ ଭୂମିକା ନେଇପାରନ୍ତେ। ଜଣେ ବ୍ୟକ୍ତିଙ୍କ ସହ ରାଜନୈତିକ ଆକ୍ରୋଶ ଓ ମତ ପ୍ରାର୍ଥକ୍ୟ ଯୋଗୁ ଯେଉଁପରି ଭାବରେ ତାଙ୍କର ପାରିବାରିକ ବ୍ୟବସାୟ, ଥେରୁଭଲୀରେ ଥିବା ଇମ୍ଫା ଫ୍ୟାକ୍ଟ୍ରିକୁ ଟାର୍ଗେଟ କରି ଲୋକମାନଙ୍କ ଦ୍ୱାରା ଘେରାଉ କରି କାମ ବନ୍ଦ କରି ଦିଆଯାଇଥିଲା ତାହାର ପ୍ରଭାବ ନିଶ୍ଚିତ ଭାବେ ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ପାଇଁ ସ୍ୱପ୍ନ ଦେଖୁଥିବା ଉଦ୍ୟୋଗପତିଙ୍କ ଉପରେ ପଡ଼ିବ। ଯଦି ସରକାର ଭାବୁଛନ୍ତି ଯେ ଇମ୍ଫା କୌଣସି ଶିଳ୍ପ ଆଇନ୍ ଖିଲାପ କରିଛି, ତା'ହେଲେ ନିୟମ ମୁତାବକ କାର୍ଯ୍ୟାନୁଷ୍ଠାନ କରୁନାହାନ୍ତି କାହିଁକି ? କ'ଣ ପାଇଁ ଫାଟକରେ ତାଲା ପଡ଼ିଥିଲା, ତା'ର ଅନୁସନ୍ଧାନ କରୁନାହାନ୍ତି କାହିଁକି ? କାରଖାନାର କର୍ମଚାରୀଙ୍କୁ ଗୃହବନ୍ଦୀ କରିବାର ଅଧିକାର ଦେଲା କିଏ ? ପ୍ରକୃତ ଦୋଷୀକୁ ଦଣ୍ଡ ଦେବା ଓ କାରଖାନା କର୍ତ୍ତୃପକ୍ଷଙ୍କୁ ସୁରକ୍ଷା ଦେବା କ'ଣ ସରକାରଙ୍କ କର୍ତ୍ତବ୍ୟ ନୁହେଁ।




ବିଜେପିକୁ ଦୂରେଇ ରଖିବାକୁ ଜେଡିଏସ୍‌କୁ କଂଗ୍ରେସର ସମର୍ଥନ ପ୍ରସଙ୍ଗକୁ ନେଇ ସତୀଶ ଆଚାର୍ଯ୍ୟଙ୍କ ବ୍ୟଙ୍ଗଚିତ୍ର। ( ସୌ: ସିଫିଡଟ କମ୍)

## ମୋ ମତରେ



### ବ୍ୟାଙ୍କ ଅବ୍ୟବସ୍ଥା

**ଶଶିଭୂଷଣ ରଥ, ଶିକ୍ଷାବିତ୍**

ଭାରତର ଅଧିକାଂଶ ସରକାରୀ ବ୍ୟାଙ୍କର ଅବ୍ୟବସ୍ଥା ପଦାରେ ପଡ଼ିଛି। ବ୍ୟାଙ୍କ ଗୁଡ଼ିକ ପରସ୍ପର ମଧ୍ୟରେ ପ୍ରତିଯୋଗିତା କରୁଛନ୍ତି, କିପରି ଠକେଇ ହେବ ଓ ବ୍ୟାଙ୍କର ନାମ ମିଡିଆରେ ପ୍ରକାଶ ପାଇବ ଏବଂ ଚର୍ଚ୍ଚିତ ହେବ। ନିରବ ମୋଦି ବ୍ୟାଙ୍କ ଠକେଇ ପରେ ନିକଟ ଅତୀତରେ ଓବିସି ବ୍ୟାଙ୍କରୁ ମଧ୍ୟ ୧୫୫ କୋଟି ଟଙ୍କାର ଠକେଇ ହୋଇଯାଇଛି। ଠକେଇ ଲିଷ୍ଟରେ ଆଗରୁ ସୁପରିଚିତ ବ୍ୟାଙ୍କ ଗୁଡ଼ିକର ନାମ ଚଢ଼ି ସାରିଛି। ଡିଜିଟାଲାଇଜେସନ୍ ପରଠାରୁ ବ୍ୟାଙ୍କଗୁଡ଼ିକ ସେବା ସଂସ୍ଥା ନ ହୋଇ ଲାଭ ଉପାର୍ଜନକାରୀ ସଂସ୍ଥାରେ ପରିଣତ ହୋଇ ସାରିଛନ୍ତି। ଟଙ୍କା ରଖିଲେ, ଟଙ୍କା କାଢ଼ିଲେ, ଜମା ଖାତା ରଖିଲେ, ନିଜ ଜମା ସମ୍ପର୍କରେ ସୂଚନା ପାଇବାକୁ ହେଲେ ସେବା ଖର୍ଚ୍ଚ ଦେବାକୁ ହୁଏ। ଏପରି ସରକାରୀ ବ୍ୟାଙ୍କ ଗୁଡ଼ିକର ଆଦାୟ ହୋଇପାରି ନଥିବା ଋଣକୁ ଦୟାଳୁ ସରକାର ଏକକାଳୀନ କ୍ଷମାଦେଇ କୋଟି କୋଟି ଟଙ୍କାକୁ ଖାତାରୁ ଲିଭାଇ ଦିଅନ୍ତି। କିନ୍ତୁ ଋଣ ପ୍ରଦାନ କରି କମିଶନ୍ ନେଇଥିବା ଅଧିକାରୀ ଓ କର୍ମଚାରୀ ସବୁଦିନ ପାଇଁ ଅଦୃଶ୍ୟ ରହି ଯାଆନ୍ତି। ସୁଧ ପ୍ରତ୍ୟେକ ବର୍ଷ କମୁଥିବାରୁ ସଞ୍ଚୟ ବିଜ୍ଞତା ନୁହେଁ। ତେଣୁ ଲୋକମାନେ ସଞ୍ଚୟ ପାଇଁ ଏବେ ବ୍ୟାଙ୍କର ବିକଳ୍ପ ବିଷୟରେ ଚିନ୍ତା କଲେଣି। ବ୍ୟାଙ୍କର ବିକଳ୍ପ କ'ଣ ହୋଇପାରେ ସେକଥା ତର୍ଜମା ଚାଲିଛି। ହୋଇପାରେ ଏହି ସୁଯୋଗ ବିଦେଶ ସଂସ୍ଥା ହାତେଇ ନେଇପାରେ।

## ଓପିନିଅନ୍ ପୋଲ୍

**ଆଜିର ପ୍ରଶ୍ନ**
**କର୍ଣ୍ଣାଟକ ଫଳାଫଳ ଓଡ଼ିଶା ରାଜନୀତି ଉପରେ ପ୍ରଭାବ ପକାଇବ କି ?**

ଯଦି ଆପଣଙ୍କ ଉତ୍ତର ହଁ ତେବେ ଆମକୁ **Y**, ଯଦି ନା ତେବେ **N** ଲେଖି +91 7504762295ରେ ଏସ୍‌ଏମ୍‌ଏସ୍ କିମ୍ବା ହ୍ୱାଟ୍ସଆପ୍ କରନ୍ତୁ।

**ଗତ ଥରର ପ୍ରଶ୍ନ:**
*ରାଜନୀତିକ ଫାଇଦା ପାଇଁ ବିଜେଡି ମହାନଦୀ ପ୍ରସଙ୍ଗକୁ ହାଇଜ୍ୟାକ୍ କରିବାକୁ ଉଦ୍ୟମ କରୁଛି କି ?*

(ଉତ୍ତର)




**ସୋଶାଲ୍ ମିଡିଆରେ 'ନିତିଦିନ'**
**SMS and Whatsapp No.: 7504762295**
**Twitter @nitidintoday**
**facebook.com/nitidintoday**
**email: nitidinedit@gmail.com**

## ସୋଶାଲ୍ ମିଡିଆରୁ

### ଭୋଟ୍ ପାଇଁ ବସ୍ତିକୁ ପ୍ରୋତ୍ସାହନ



ରାଜ୍ୟରେ ରାଜନେତାମାନେ କେବଳ ଭୋଟ୍ ପାଇଁ ଯୋଜନା ପ୍ରସ୍ତୁତ କରିଛନ୍ତି। ଏଇ ଯେମିତି ବସ୍ତି ଅଞ୍ଚଳରେ ରହୁଥିବା ଭୂମିହୀନଙ୍କୁ ଜମି କାଗଜପତ୍ର ପ୍ରଦାନ କରିବା ଦିଗରେ ଏକ ଯୋଜନା ଆରମ୍ଭ ହୋଇଛି। ଓଡ଼ିଶାର ରାଜଧାନୀ ଭୁବନେଶ୍ୱରରେ ବହୁ ପରିମାଣର ବସ୍ତି ରହିଥିଲେ ମଧ୍ୟ ବସ୍ତି ନଗରୀ ମାନ୍ୟତା ପାଇନି। ସରକାରୀ ଜାଗାରେ ଗଛଟିଏ ରହିବା ବଦଳରେ ଭୋଟ୍ ପାଇଁ ବସ୍ତିକୁ ପ୍ରୋତ୍ସାହନ ଦିଆଯାଉଛି। ପରିବେଶ ପରିମଳକୁ ଭୁଲି ସ୍ମାର୍ଟସିଟି ବୋଲି ଡିଣ୍ଡିମ ବାଜୁଛି। ବର୍ଷାଦିନେ ସ୍ମାର୍ଟ ସିଟି ଦୁଃଖ ଅଙ୍ଗେ ନିଭେଇଥିବା ଲୋକ ହିଁ ଜାଣିଛି। ଏବେ କାଳବୈଶାଖୀରେ ରାଜଧାନୀର ଉପକଣ୍ଠରେ ଥିବା ଅଞ୍ଚଳଗୁଡ଼ିକୁ ଗଲେ ରାସ୍ତାଘାଟର ପ୍ରକୃତ ଚିତ୍ର ଜଣାପଡ଼ିବ। ଏବେ ଯଦି ଏ ଅବସ୍ଥା ତା'ହେଲେ ବର୍ଷା ଦିନେ କ'ଣ ହେବ ସେକଥା ସ୍ପଷ୍ଟ ଅନୁମେୟ। କେବଳ ଗଣମାଧ୍ୟମରେ ଏଭଳି ଖବର ବାହାରିବ ଏବଂ ନେତାମାନଙ୍କର ବାହୁବଳର ପ୍ରଚାର ପ୍ରସାର ପାଇଁ ଖୋରାକ ଯୋଗାଇବ। ଲୋକଙ୍କର କିଛି ବି ଲାଭ ହେବନାହିଁ।

**ଅଦ୍ୱୈତି ବେଉରା,** ପ୍ରଫେସନାଲ୍

### କଳିଙ୍ଗ ଷ୍ଟୁଡିଓର ବିକାଶ ଜରୁରୀ



ଓଡ଼ିଶାର ଏକ ମାତ୍ର କଳିଙ୍ଗ ଷ୍ଟୁଡିଓର ଏବେ କ'ଣ କରାଯାଇ ପାରିବ, ସେକଥା କେହି କହୁନାହାନ୍ତି। ଏବେ ଓଡ଼ିଆ ଫିଲ୍ମର ସମ୍ପାଦନା ଆଉ ଡବିଂ ଘରେଘରେ ହେଉଛି। ତେଣୁ କେବଳ ଶୁଟିଂ ପାଇଁ କଳିଙ୍ଗ ଷ୍ଟୁଡିଓକୁ ବ୍ୟବହାର କରାଯିବା ଦରକାର। ଭଲ ପାର୍କ, ନୂଆ ସେଟ୍ ଦ୍ୱାରା ଏହା ସମ୍ଭବ ହୋଇପାରିବ। ଭାବୁଚି ନୂଆ କରି ଫିଲ୍ମ ନିଗମର ଦାୟିତ୍ୱ ନେଇଥିବା କୁନା ତ୍ରିପାଠୀ କିଛି ପଦକ୍ଷେପ ଗ୍ରହଣ କରିବେ। କଳିଙ୍ଗ ଷ୍ଟୁଡିଓରେ କେମିତି ଉନ୍ନତ ଧରଣର ବ୍ୟବସ୍ଥା ହୋଇ ପାରିବ, ସେ ଦିଗରେ ଚିନ୍ତା କରିବେ। ଏଭଳି ବ୍ୟବସ୍ଥା ହୋଇପାରିଲେ ଷ୍ଟୁଡିଓର ଆୟ ବଢ଼ିବ। କିନ୍ତୁ ଏଥିପାଇଁ ଅଧିକ ଶୁଟିଂ ଫ୍ଲୋର ଆବଶ୍ୟକତା ରହିଛି। ଆଶା କୁନା ତ୍ରିପାଠୀ ଏଥିପ୍ରତି ମଧ୍ୟ ଧ୍ୟାନ ଦେବେ। କାରଣ କଳିଙ୍ଗ ଷ୍ଟୁଡିଓର ବିକାଶ ନିହାତି ହେବା ଦରକାର। ଓଡ଼ିଆ ଫିଲ୍ମ ଏବେ ବାହାରେ ଶୁଟିଂ ହେଉଛି। ଯଦି କଳିଙ୍ଗ ଷ୍ଟୁଡିଓର ବିକାଶ ହୋଇପାରିବ, ତା'ହେଲେ ଓଡ଼ିଶାରେ ପୁଣି କମ୍ ବଜେଟ୍‌ରେ ଭଲ ଫିଲ୍ମ ହୋଇପାରିବ। ତେଣୁ କଳିଙ୍ଗ ଷ୍ଟୁଡିଓ ବିକଶିତ ହେବା ଦରକାର।

**ସୌଭାଗ୍ୟ ମହାନ୍ତି,** କଟକ

### ସରକାର ଏକ ନିୟମ ପ୍ରଣୟନ କରନ୍ତୁ



ଆଜିକାଲି ଆମ ସମାଜରେ କ'ଣ ଘଟୁଛି, ଥରେ ସେକଥା ଉପରେ ଧ୍ୟାନ ଦେବା ଦରକାର। ପ୍ରାଥମିକ ଓ ମାଧ୍ୟମିକ ସ୍ତରରେ ବାପା ମା'ମାନେ ସେମାନଙ୍କ ପିଲାମାନଙ୍କୁ ଶିକ୍ଷାଦାନ ଗ୍ରହଣ କରିବାକୁ ଘରୋଇ ଶିକ୍ଷାନୁଷ୍ଠାନକୁ ପଠାଉଛନ୍ତି। ଏହି ଶିକ୍ଷାଲାଭ ପରେ ସେମାନେ ନିଜ ପିଲାମାନଙ୍କୁ ସରକାରୀ କଲେଜ୍ ଓ ବିଶ୍ୱବିଦ୍ୟାଳୟକୁ ପଠାଉଛନ୍ତି। ଏଥିସହ କିଛି ବୈଷୟିକ ଶିକ୍ଷାନୁଷ୍ଠାନ ମଧ୍ୟ ପଠାଇବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। ତେଣୁ ସରକାର ଏମିତି କିଛି ନିୟମ ପ୍ରଣୟନ କରିବା ଦରକାର ଯେ ସରକାରୀ ସ୍କୁଲରେ ଶିକ୍ଷାଲାଭ କରିଥିବା ଛାତ୍ରଛାତ୍ରୀମାନେ ହିଁ ସରକାରୀ ସ୍ୱୀକୃତିପ୍ରାପ୍ତ ଶିକ୍ଷାନୁଷ୍ଠାନରେ ଉଚ୍ଚ ଶିକ୍ଷା ପାଇଁ ଆବେଦନ କରିପାରିବେ। ଅନ୍ୟମାନଙ୍କୁ ଏହି ସୁଯୋଗରୁ ବଞ୍ଚିତ କରାଯିବା ଦରକାର। ଏପରି ନିୟମ ହେଲେ ସମସ୍ତେ ନିଜନିଜ ପିଲାମାନଙ୍କୁ ସରକାରୀ ସ୍କୁଲରେ ହିଁ ପାଠପଢ଼ାଇବାକୁ ବାଧ୍ୟ ହେବେ। ସରକାରୀ ସ୍କୁଲରେ ପାଠ ପଢ଼ିବାର ମାନ ବୃଦ୍ଧି ମଧ୍ୟ ପାଇବ। ପିଲାମାନେ ସରକାରୀ ସ୍କୁଲ ପ୍ରତି ଆକୃଷ୍ଟ ମଧ୍ୟ ହେବେ।

**କୃଷ୍ଣଚନ୍ଦ୍ର ମିଶ୍ର,** ପ୍ରଫେସନାଲ୍

### ସିଦ୍ଧରମୈୟାଙ୍କ କ୍ଷତି ଘଟିଲା



ପୁଣି ଗୋଟିଏ ରାଜ୍ୟ ଦଖଲ ପାଇଁ ବିଜେପି ଦେଖିଥିବା ସ୍ୱପ୍ନ ପୂରଣ ହେଉ ହେଉ ଅଧାରେ ଅଟକି ଯାଇଛି। କର୍ଣ୍ଣାଟକରେ ବିଜେପି ବହୁମତ ବା ସର୍ବବୃହତ୍ ଦଳ ହୋଇଥିଲେ ହେଁ ଦଳ ଏଠାରେ ସରକାର ଗଠନ କରିବାକୁ ଆବଶ୍ୟକ ମ୍ୟାଜିକ୍ ନମ୍ବର ହାସଲ କରିପାରିନାହିଁ। ଏହାର ସୁଯୋଗ ନେଇ ଦୁଇ ଶତ୍ରୁ କଂଗ୍ରେସ ଓ ଜେଡିଏସ୍ ମିଳିତ ଭାବେ ସରକାର ଗଠନ କରିବାକୁ ଆଗେଇ ଆସିଛନ୍ତି। କର୍ଣ୍ଣାଟକରେ କଂଗ୍ରେସ ବିଜେପିକୁ କ୍ଷମତାରୁ ଦୂରେଇ ରଖିବା ପାଇଁ ଜେଡିଏସ୍‌କୁ ସହଯୋଗୀ ଭାବେ ଗ୍ରହଣ କରିଛି। ଏଥିରେ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କ ସବୁଠାରୁ ଅଧିକ କ୍ଷତି ଘଟିଛି। କାରଣ ଜେଡିଏସ୍‌ର ଏଚ୍‌ଡି କୁମାରସ୍ୱାମୀ ହିଁ ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ହେବେ। ତେଣୁ ସିଦ୍ଧରମୈୟାଙ୍କ ସ୍ଥାନ ଏଠାରେ ନାହିଁ। ସେହିପରି ଜେଡିଏସ୍‌ର ସର୍ତ୍ତ ଅନୁଯାୟୀ ସିଦ୍ଧରମୈୟା ମଧ୍ୟ ସମ୍ଭବତଃ ମନ୍ତ୍ରିମଣ୍ଡଳରେ ମଧ୍ୟ ସ୍ଥାନ ପାଇପାରିବେ ନାହିଁ। ତେଣୁ କଂଗ୍ରେସ ଏଠାରେ ମିଳିତ ସରକାର ଗଠନ କଲେ ମଧ୍ୟ ସିଦ୍ଧରମୈୟାଙ୍କର ବ୍ୟାପକ କ୍ଷତି ଘଟିଛି।

**ଅମ୍ଳାନ ସାହୁ,** ଦଶପଲ୍ଲା